**ମୋଟରସାଇକେଲରୁ ପଡ଼ି ଯୁବକ ଗୁରୁତର**

ଛେଣ୍ଡିପଦା, (ଅଜିତ ଧଳ): ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୋଶଳା ତଳ ବଜାର ଠାରେ ମୋଟରସାଇକେଲରୁ ପଡ଼ି କୋଶଳା ଗ୍ରାମ ଭଗମୁଣ୍ଡା ସାହିର ଅରୁଣ ସାହୁ ଗୁରୁତର ହୋଇଛନ୍ତି। ଅରୁଣ କୋଶଳା ବଜାରରୁ କାମ ସାରି ଘରକୁ ଫେରୁଥିବା ବେଳେ ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥର କୋଶଳା ତଳବଜାର ଠାରେ ଭାରସାମ୍ୟ ହରାଇ ପଡିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଶୀଘ୍ର ନିର୍ମାଣ ହେଉ ବଇଣ୍ଡା ବସ୍‌ଷ୍ଟାଣ୍ଡ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ବଇଣ୍ଡା, ୨୧।୧୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଠାରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ପକ୍ଷରୁ ହେବାକୁ ଥିବା ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଅଞ୍ଚଳବାସୀ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶୀଘ୍ର ବସ୍‌ଷ୍ଟାଣ୍ଡ ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବାକୁ ଏଥିରେ ଦାବି କରାଯାଇଛି। ଦାବିପତ୍ରର ନକଲ ଆଠମଲ୍ଲିକ ବିଧାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଅନୁଗୋଳ ଜିଲାପାଳ, ପରିବହନ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, କିଶୋରନଗର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ବଇଣ୍ଡା ଗ୍ରାମର ବରିଷ୍ଠ ନାଗରିକ ଭଗବାନ ଘିଆଲା, ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରା, ସହ ସମ୍ପାଦକ ପରିକ୍ଷିତ ସାହୁ, ରମେଶ ବେହେରା, ଲଚ୍ଛମନ ଦାସଙ୍କ ସମେତ ଏକ ପ୍ରତିନିଧିମଣ୍ଡଳୀ ବଇଣ୍ଡା ରାଜସ୍ୱ ବିଭାଗର ଅମିନ ଜିତେନ୍ଦ୍ର କୁମାର ସାହୁଙ୍କ ଜରିଆରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ବଇଣ୍ଡାଠାରେ ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ୨୦୨୩ ଅଗଷ୍ଟରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୯ ଜୁନ ୨୦୨୪ରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଥିବା ଜମିକୁ ବଇଣ୍ଡା ଗ୍ରାମବାସୀଙ୍କ ସହ ରାଜସ୍ୱ ବିଭାଗ ଅଧିକାରୀମାନେ ଚିହ୍ନଟ କରିଥିଲେ। ୫ ଜୁଲାଇ ୨୦୨୪ରେ ନୁନୁକାପଶି ମୌଜାରେ ଥିବା ଖାତା ନମ୍ବର ୧୩୮, ପ୍ଲଟ ନମ୍ବର ୪୮୭, ୪୮୮, ୪୮୯, ୧୧୭୨, ୧୧୭୩, ୧୧୭୪ର ୭ ଏକର ସରକାରୀ ଜମିରୁ ୩.୯୫ ଏକର ଓଏସ୍‌ଆର୍‌ଟିସିକୁ ଯୋଗାଇ ଦିଆଯାଇଥିଲା। ହେଲେ ଉକ୍ତ ବସ୍‌ଷ୍ଟାଣ୍ଡ କାମ ବହୁ ବିଳମ୍ବ ହେଉଥିବା ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବସ୍‌ଷ୍ଟାଣ୍ଡ ନିର୍ମାଣ ହେଉ ନ ଥିବାରୁ ବସ୍‌ଗୁଡ଼ିକ ଜାତୀୟ ରାଜପଥ ପାର୍ଶ୍ୱରେ ଠିଆ ହେଉଛି। ଫଳରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯାଇ ଶ୍ରୀଘ୍ର ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଏକ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ କଡ଼ା ଚେତାବନୀ ଦେଇଛନ୍ତି।

# ଜେଲରୁ ମୁକୁଳିଲେ ୧୦୨ ଆନ୍ଦୋଳନକାରୀ



ଜେଲ୍‌ରୁ ବାହାରିଥିବା ଆନ୍ଦୋଳନକାରୀମାନଙ୍କୁ ସ୍ୱାଗତ କରାଯାଉଛି।

ତାଳଚେର,୨୧।୧୧ (ମନୋଜ ନନ୍ଦ)

ସାଇଲୋ ନିଯୁକ୍ତିକୁ ନେଇ ଆନ୍ଦୋଳନ କରି ଗିରଫ ହୋଇଥିବା ତାଳଚେର ହେଁସମୂଳ ଗ୍ରାମର ଶତାଧିକ ଜନସାଧାରଣ ୭ଦିନ ପରେ ଗୁରୁବାର ଜେଲରୁ ମୁକୁଳିଛନ୍ତି। ଏହି ଅବସରରେ ସେମାନେ କହିଛନ୍ତି, ତାଳଚେର ଶିଳ୍ପାଞ୍ଚଳରେ ଭିଟାମାଟି ହରାଇ ସର୍ବସ୍ୱାନ୍ତ ହୋଇଥିଲେ ହେଁ କମ୍ପାନୀରେ ନିଯୁକ୍ତି ମିଳିପାରୁ ନାହିଁ। ଏ ନେଇ କମ୍ପାନୀ ଟାଳଟୁଳ ନୀତି ଅବଲମ୍ବନ କରୁଛି। ହକ୍ ମାଗି ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କଲେ ନିଯୁକ୍ତି ବଦଳରେ ଜେଲ ଯିବାକୁ ପଡୁଛି। ଏହା ନିନ୍ଦନୀୟ ଘଟଣା। ତାଳଚେର ଅଞ୍ଚଳରେ ଏପରି ଘଟଣା କେବେ ଘଟି ନ ଥିଲା। ଚାହିଁଥିଲେ ସରକାର ଏହାର ସମାଧାନ କରିପାରିଥାନ୍ତେ। କିନ୍ତୁ ସରକାରଙ୍କ ନିର୍ଦ୍ଦେଶରେ ପୋଲିସ ପ୍ରଶାସନ କମ୍ପାନୀର ହାତବାରସି ସାଜି ବଳ ପ୍ରୟୋଗ କରି ୧୦୨ ଜଣଙ୍କୁ ଏକକାଳୀନ ଜେଲ ପଠାଇ ଦେଲା। ସରକାର ଭୟଭୀତ ହୋଇ ଏସମା ଲଗେଇ ଲୋକଙ୍କ ମୌଳିକ ସ୍ୱାର୍ଥରେ ବାଧା ସୃଷ୍ଟି କରିଛନ୍ତି। ଜେଲ୍‌ରୁ ମୁକୁଳିବା ପରେ ଆନ୍ଦୋଳନକାରୀମାନଙ୍କୁ ଗ୍ରାମବାସୀ, ନିର୍ବାଚିତ ପ୍ରତିନିଧିମାନେ ଜେଲ ପରିସରରୁ ସ୍ୱାଗତ କରି ଏକ ବିରାଟ ପଟୁଆରରେ ହେଁସମୂଳ ଗ୍ରାମ ଅଭିମୁଖେ ପାଛୋଟି ନେଇଥିଲେ। ମା' ହିଙ୍ଗୁଳାଙ୍କ ଦର୍ଶନ କରିବା ସହିତ ନିଯୁକ୍ତି ମିଳିବା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଜାରି ରଖିବାକୁ ଆନ୍ଦୋଳନକାରୀମାନେ ଶପଥ ନେଇଥିଲେ।

# ସେମିଫାଇନାଲରେ ମର୍ନିଂଷ୍ଟାର ଟିମ୍

ଅନୁଗୋଳ,୨୧।୧୧ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ କଦମ ପଡିଆଠାରେ ଆୟୋଜିତ ମର୍ନିଂଷ୍ଟାର କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଲିଗ୍ ମ୍ୟାଚ ଗୁରୁବାର ବ୍ଲୁ ଷ୍ଟାର ଅନୁଗୋଳ ଓ ମର୍ନିଂଷ୍ଟାର କ୍ରିକେଟ କ୍ଲବ ଅନୁଗୋଳ ମଧ୍ୟରେ ଖେଳାଯାଇଥିଲା। ବ୍ଲୁ ଷ୍ଟାର ଦଳ ପ୍ରଥମେ ବ୍ୟାଟିଂ କରି ୯୮ ରନ କରିଥିଲା। ଜବାବରେ ମର୍ନିଂଷ୍ଟାର ଟିମ୍ ୭ ଓଭର ୨ ବଲରେ ମ୍ୟାଚ ଜିତି ଦ୍ୱିତୀୟ ସେମିଫାଇନାଲରେ ପ୍ରବେଶ କରିଥିଲା। ଚିନ୍ମୟ ଚିତ୍ତାକର୍ଷକ ବ୍ୟାଟିଂ କରି ୨୮ ବଲରୁ ୧୧ ଛକା, ୩ ଚୌକା ସହାୟତାରେ ୮୫ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜୟକୃଷ୍ଣ ରାଉତ ଓ ସଞ୍ଜୀବ କୁମାର ପାତ୍ର ଖେଳ ପରିଚାଳନା କରିଥିଲେ। ଅଭୟ କୁମାର ପାଢୀ ଓ ରାମଚନ୍ଦ୍ର ସାହୁ ସ୍କୋର ବୋର୍ଡ ଦାୟିତ୍ୱରେ ଥିଲେ। ଶେଷ ଲିଗ୍ ମ୍ୟାଚ ମ୍ୟାଜିକ ଇଲେଭେନ କଟକ ଓ ତେଜ ୱାରିଅର୍ସ ମୁଷାପାପୁଲି ମଧ୍ୟରେ ଖେଳାଯିବ।



# ଠିକାଦାର ଆସୋସିଏଶନର ନୂତନ କର୍ମକର୍ତ୍ତା



ବଆଁରପାଳ,୨୧।୧୧ (ସୁବାସ ସାହୁ)

ବଆଁରପାଳ ବ୍ଲକ ନାଲ୍‌କୋ ସିପିପି ଠିକାଦାର ଆସୋସିଏଶନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବରିଷ୍ଠ ଠିକାଦାର ସତ୍ୟବାନ ବରାହ ସଭାପତିତ୍ୱ କରିଥିଲେ। ସର୍ବସମ୍ମତି କ୍ରମେ ଆସୋସିଏଶନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ବିଭାସ ରଞ୍ଜନ ସିଂହ, ଉପସଭାପତି ଭାବେ ବିଭୂତି ଭୂଷଣ ବେଉରା ଓ ରଶ୍ମିରଞ୍ଜନ ବରାହ, ସମ୍ପାଦକ ରାମଚନ୍ଦ୍ର ମାଝୀ, ସହ ସମ୍ପାଦକ ପ୍ରମୋଦ ଦାସ, କୋଷାଧ୍ୟକ୍ଷ ରାଜେନ୍ଦ୍ର ସାମଲ ଓ ଏକ୍‌ଜିକ୍ୟୁଟିଭ ମେମ୍ବର ଗୋବିନ୍ଦ ବରାହ, ମାନସ ରଞ୍ଜନ ଦାସ, ମହେନ୍ଦ୍ର ଲେଙ୍କା, ସୁବୋଧ ଦାସ, ଅଶ୍ୱିନୀ ଜେନା, ରମେଶ ଚନ୍ଦ୍ର ଜେନା, ନିର୍ମଳ ସାମଲ, ବିଶ୍ୱଜିତ୍ ସ୍ୱାଇଁ, ଶୁଭେନ୍ଦୁ ବେଉରା, କାଳନ୍ଦୀ ରାଉତ ଓ ଦିବାକର ସାହୁ ପ୍ରମୁଖ ମନୋନୀତ ହୋଇଥିଲେ। ଆସୋସିଏଶନ ଉପଦେଷ୍ଟା କମିଟି ପାଇଁ ସତ୍ୟବାନ ବରାହ, ଭାରତ ଚନ୍ଦ୍ର ମାଝୀ, ଅନନ୍ତ ଚରଣ ବରାହ, ବିନୋଦ ବିଶାଳ, ଗୋପାଳ ନାଏକ ଓ ଶଙ୍କର୍ଷଣ ଦାସଙ୍କୁ ମନୋନୀତ କରାଯାଇଥିଲା। ଏହି କମିଟି ଆଗାମୀ ଭବିଷ୍ୟତରେ ଠିକାଦାରଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବ ବୋଲି ଆସୋସିଏଶନ ସଭାପତି ସୂଚନା ଦେଇଥିଲେ। ସମ୍ପାଦକ ରାମ ଚନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ବଧିର କ୍ରିକେଟର ସନ୍ତୋଷଙ୍କୁ ସମ୍ବର୍ଦ୍ଧନା



ଅନୁଗୋଳ,୨୧।୧୧ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ତାଳଚେରର ବଧିର କ୍ରିକେଟ ଖେଳାଳି ସନ୍ତୋଷ କୁମାର ମହାପାତ୍ର ଜାତୀୟ ବଧିର କ୍ରିକେଟ ଟିମ୍‌ରେ ସାମିଲ ହୋଇଛନ୍ତି। ଆସନ୍ତା ଡିସେମ୍ବର ୨ରୁ ୮ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀଠାରେ ଖେଳାଯିବାକୁ ଥିବା ଭାରତ ଓ ଶ୍ରୀଲଙ୍କା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ ସନ୍ତୋଷ ଖେଳିବେ ବୋଲି ଅସୋସିଏଶନ ପକ୍ଷରୁ ସୂଚନା ମିଳିଛି। ସନ୍ତୋଷ ତାଳଚେର ୟୁଥ୍ ସ୍ପୋର୍ଟିଂ କ୍ଲବ ତରଫରୁ କ୍ରିକେଟ ଖେଳ ଜୀବନ ଆରମ୍ଭ କରି ଭାରତୀୟ ଦଳରେ ସାମିଲ ହୋଇଥିବାରୁ ଜିଲାର କ୍ରିକେଟ ପ୍ରେମୀଙ୍କ ମହଲରେ ଖୁସି ପ୍ରକାଶ ପାଇଛି। ଏ ନେଇ ଗୁରୁବାର ପୂର୍ବାହ୍ନରେ ସନ୍ତୋଷ ସମ୍ବଲପୁର ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବ ଓ ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ଆର୍‌ଡିସି ଓ ଜିଲାପାଳ ସନ୍ତୋଷଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସଫଳତା କାମନା କରିଥିଲେ। ଖେଳରେ ଆଗକୁ ବଢିବା ନିମନ୍ତେ ଜିଲା ପ୍ରଶାସନ ସମସ୍ତ ସହଯୋଗର ହାତ ବଢ଼ାଇବା ନେଇ ପ୍ରତିଶ୍ରୁତି ଦେଇଥିବା ସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସାକ୍ଷାତ ସମୟରେ ଜିଲା ବଧିର ସଂଘ ସଭାପତି ପର୍ଶୁରାମ ଦାଶ, ସମ୍ପାଦକ ବିଶ୍ୱଜିତ ହୋତା ଓ ସନ୍ତୋଷଙ୍କ ମାତାପିତା ଉପସ୍ଥିତ ଥିଲେ।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ତାଳଚେର,୨୧।୧୧(ମନୋଜ ନନ୍ଦ)

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆଠାରେ ଚାଲିଥିବା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ସମୀର କୁମାର ଜେନା ଯୋଗଦେଇଥିଲେ। ତାଳଚେର କୃଷି ଜିଲା ଅଧିକାରୀ ଦିଲୀପ କୁମାର ମିଶ୍ର ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ଢେଙ୍କାନାଳ ନିର୍ବାହୀ ଯନ୍ତ୍ରୀ (କୃଷି) ପ୍ରଦ୍ୟୁମ୍ନ କୁମାର ପଟ୍ଟନାୟକ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ସରୋଜ କୁମାର ସାହୁ, ସହକାରୀ କୃଷି ନିର୍ବାହୀ ଅଧିକାରୀ ବ୍ରଜବନ୍ଧୁ ସ୍ୱାଇଁ, ପ୍ରମୋଦ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ମେଳାରେ ୩୬ଟି କୃଷି ଯନ୍ତ୍ରପାତି ପ୍ରଦର୍ଶନ ଷ୍ଟଲ ସହିତ ବିଭାଗୀୟ ପ୍ରଦର୍ଶନ ଷ୍ଟଲଗୁଡିକ ବେଶ୍ ଆଦୃତ ଲାଭ କରିଥିଲା। ଉପଖଣ୍ଡ କୃଷି ବିଭାଗ ଅଧିକାରୀ ଓ କର୍ମଚାରୀ ଏବଂ ବ୍ଲକ କୃଷି ଅଧିକାରୀ ନାରାୟଣ ଚନ୍ଦ୍ର ସାହୁ, ସହକାରୀ କୃଷି ଅଧିକାରୀ ଅବିନାଶ ନାହାକ, କୃଷି ଅଧିଦର୍ଶକ ସୁନୀଲ କୁମାର ଶତପଥୀ, ଅଶୋକ କୁମାର ମହାନ୍ତି ପ୍ରମୁଖ ପରିଚାଳନା କରଥିଲେ। ବହୁ ଚାଷୀ ଯୋଗଦେଇ ସରକାରଙ୍କ ଦ୍ୱାରା ସବ୍‌ସିଡି ଜରିଆରେ କୃଷି ଯନ୍ତ୍ରପାତି କ୍ରୟକରି ଲାଭ ଉଠାଇଥିଲେ।




# ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନର ପ୍ରତିଷ୍ଠା ଦିବସ




ବଆଁରପାଳ,୨୧।୧୧ (ସୁବାସ ସାହୁ)

ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନର ୪୩ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ପ୍ରଶିକ୍ଷଣ ପ୍ରେକ୍ଷାଳୟଠାରେ ବୁଧବାର ପାଳିତ ହୋଇଯାଇଛି। ମଳୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ବିଭବ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଡା. ରାମଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଠିକା ଶ୍ରମିକଙ୍କ ହିତ, ଠିକ୍ ସମୟରେ ପଦୋନ୍ନତି, ଖାଲି ରହିଥିବା ପଦବୀ ପୂରଣ ପାଇଁ ଦାବି କରିଥିଲେ। କାର୍ଯ୍ୟରତ ଠିକା ଶ୍ରମିକଙ୍କୁ ଉପଯୁକ୍ତ ଦରମା, ବର୍ଦ୍ଧିତ ସ୍ୱାସ୍ଥ୍ୟ ଚିକିତ୍ସା ଓ ସାମାଜିକ ସୁରକ୍ଷା ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ନାଲ୍‌କୋ ଇଡି ଶ୍ରୀନିବାସ ସୁବ୍ରମନ୍ୟମ ନରେଲା, ଜିଜିଏମ୍ (ଏଚଆଣ୍ଡଏ) ଶୁଭେନ୍ଦୁ କୁମାର ନାୟକ, ଜିଜିଏମ୍ ସିପିପି ଅମରେନ୍ଦ୍ର ମିଶ୍ର, ଜିଜିଏମ୍ ଓଆଣ୍ଡଏମ୍ ସତ୍ୟବାଦୀ ମିଶ୍ର, ରାଜ୍ୟ ଆଇଏନ୍‌ଟିୟୁସି ଉପସଭାପତି ମଦନମୋହନ ଧଳ, ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ଜେନା, ଉପଦେଷ୍ଟା ଦିଲୀପ ମିଶ୍ର, ସସ୍ମିତା ବେହେରା, ଉପଦେଷ୍ଟା ରାଜୀବ ଜେନା, ନେସ୍ ଶ୍ରମିକ ସଂଘ ସଭାପତି ନିର୍ମଳ କୁମାର ସାମଲ, ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ସଭାପତି ସନ୍ତୋଷ କୁମାର ରାଉତ, ସାଧାରଣ ସମ୍ପାଦକ ବିଭବ ଜେନା, କାର୍ଯ୍ୟକାରୀ ସଭାପତି ହେମନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସଂଘର ହରି ନାଥ, ବାପୁ ଭଞ୍ଜ, ସିଦ୍ଧାନ୍ତ ପ୍ରଧାନ, ପ୍ରଣବ ଜେନା, ସରୋଜ ବେହେରା, ଜନ୍ମେଞ୍ଜୟ ନାୟକ, ଟିକନ ଦେହୁରୀ ସହଯୋଗ କରିଥିବା ବେଳେ ବିଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସଚେତନ ରହିଲେ ଅର୍ଥ ସୁରକ୍ଷିତ ରହିବ

ଆଠମଲ୍ଲିକ,୨୧।୧୧(ଉଦୀପ୍ତ ପୁରୋହିତ)

ଷ୍ଟେଟ ବ୍ୟାଙ୍କ ଆଠମଲ୍ଲିକ ଶାଖା କାର୍ଯ୍ୟାଳୟ ସମ୍ମୁଖରେ ରିଜର୍ଭ ବ୍ୟାଙ୍କ ତରଫରୁ ସାଇବର କ୍ରାଇମ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳକ ଅଭିଲାଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ମ୍ୟାନେଜର ସେବାଶ୍ରୀ ସାହୁ, ଏସ୍‌ବିଆଇ ଆସୋସିଏଟ୍ ସୋଭିଜିତ ଜ୍ୟୋତି ପ୍ରକାଶ, କ୍ଷେତ୍ର ଅଧିକାରୀ ଯଜ୍ଞେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ଡିଜିଟାଲ ପ୍ଲାଟଫର୍ମର ଅଧିକ ବ୍ୟବହାର କରିବା ପାଇଁ ଲୋକଙ୍କୁ ସଚେତନ କରିବା ସହିତ ବ୍ୟାଙ୍କ ଅଧିକାରୀମାନେ ଫୋନ୍ ମାଧ୍ୟମରେ ଗ୍ରାହକଙ୍କୁ କିଛି ତଥ୍ୟ ମାଗି ନ ଥାନ୍ତି ବୋଲି କହିଥିଲେ। ଏହାଛଡ଼ା କୌଣସି ଅଜଣା ନମ୍ବରରୁ ଫୋନ୍ ଆସିଲେ ଆକାଉଣ୍ଟ ସମ୍ବନ୍ଧୀୟ ତଥ୍ୟ ନ ଦେବାକୁ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଗ୍ରାହକମାନଙ୍କ କୌଣସି ସମସ୍ୟା ପାଇଁ ହେଲ୍ପଲାଇନ୍ ନମ୍ବର ୧୯୩୦ରେ ଯୋଗାଯୋଗ କରିବାକୁ କହିଥିଲେ। ଅନନ୍ତ ନାରାୟଣ ମହାପାତ୍ର, ଜ୍ୟୋତି ରଞ୍ଜନ ରଥ ପ୍ରମୁଖ ସହଯୋଗ କରିଥିବାବେଳେ ସ୍ୱୟଂସହାୟକ ଗୋଷ୍ଠୀର ବହୁ ମହିଳା ଯୋଗଦେଇଥିଲେ। ଶାଖା ପରିଚାଳକ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ

ପବିତ୍ରନଗର,୨୧।୧୧(ନିରୋଜ କୁମାର ପ୍ରଧାନ)



କଣିହାଁ ବ୍ଲକ ଅଞ୍ଚଳରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଭୂମିପୂଜନ ଗୁରୁବାର କରାଯାଇଛି। ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଓ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବାଲିପଶି ପଞ୍ଚାୟତ ପଳାଶବାହାଲୀ ନିଆଳୁ ଭାୟା କୁଆଧରା ରାସ୍ତାର ପଳାଶବାହାଲୀ ନାଳ ଉପରେ ଏକ ସେତୁ ନିର୍ମାଣ ପାଇଁ ଭୂମିପୂଜନ କରାଯାଇଥିଲା। ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ପାଣି ଓ ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ମହାନ୍ତି ପ୍ରମୁଖ ଯୋଗଦେଇ ଭୂମିପୂଜନ କରିଥିଲେ। ଭାଜପା ରେଙ୍ଗାଲି ମଣ୍ଡଳ ସଭାପତି ତ୍ରିପୁରାରୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସେହିପରି ଗଣ୍ଡମଳା ପଞ୍ଚାୟତ ପରିସରରେ ଆୟୁଷ ମେଡିକାଲର ନୂତନ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାପରେ ପବିତ୍ରନଗର ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶ୍ରେଣୀ ଗୃହ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏମ୍‌ପି ଓ ବିଧାୟକଙ୍କ ସହିତ ପବିତ୍ରନଗର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରମାକାନ୍ତ ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମୋନାଲିସା ମହନ୍ତ, ଭାଜପା ଜିଲା ଉପସଭାପତି ନୃସିଂହ ଚରଣ ବରାଳ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସୁମନ୍ତ ପ୍ରଧାନ, ମଣ୍ଡଳ ସଭାପତି ନୃସିଂହ ବରାଳ, ସମ୍ପାଦକ ହରେକୃଷ୍ଣ ପ୍ରଧାନ, ଲୋକନାଥ ସାହୁ, ସୁଶାନ୍ତ ସାମଲ, ଟିକନ ପ୍ରଧାନ, କର୍ଣ୍ଣ ଭୂଟିଆ, ବସନ୍ତ ମଞ୍ଜରୀ ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମ ପୂର୍ବରୁ ଏମ୍‌ପି ଓ ବିଧାୟକ ମଣ୍ଡୁଆ ଆଶ୍ରମ ପରିଦର୍ଶନ କରିଥିଲେ।

# ଯୁବକଙ୍କ ମୃତଦେହ ଜବତ

ଛେଣ୍ଡିପଦା,୨୧।୧୧(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଦେଇ ଯାଇଥିବା ୬୩ ନମ୍ବର ରାଜ୍ୟ ରାଜପଥର କୁକୁରପେଟା ଡ୍ୟାମ୍ ନିକଟସ୍ଥ ରାସ୍ତା ପାର୍ଶ୍ୱରୁ ସନ୍ଦେହଜନକ ଅବସ୍ଥାରେ ପଡ଼ିଥିବା ଜଣେ ଯୁବକଙ୍କ ମୃତଦେହ ପୋଲିସ ଗୁରୁବାର ଜବତ କରିଛି। ମୃତ ଯୁବକ ଜଣଙ୍କ ହେଉଛନ୍ତି କୁଣ୍ଢେଇଗୋଳା ଥାନା ଦଲକ ଅଞ୍ଚଳର ବୁଦ୍ଧଦେବ ନାଏକ। ପୋଲିସ କହିଛି, ଦଲକ ଗାଁର ବୁଦ୍ଧଦେବ ଶ୍ୱଶୁର ଘର ବାଲିନାଳୀ ଗାଁକୁ ଜଣେ ସମ୍ପର୍କୀୟଙ୍କ ଜନ୍ମଦିନରେ ଯୋଗଦେବା ପାଇଁ ଆସିଥିଲେ। ପରେ ସେ ଘରକୁ ଯିବା ପାଇଁ ବସ୍‌ଷ୍ଟାଣ୍ଡକୁ ଚାଲିଚାଲି ଆସୁଥିଲେ। କିନ୍ତୁ ସକାଳେ ୬୩ ନମ୍ବର ରାଜ୍ୟ ରାଜପଥର କୁକୁରପେଟା ଡ୍ୟାମ୍ ନିକଟରେ ତାଙ୍କ ମୃତଦେହ ପଡ଼ିଥିବା ଖବର ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପ୍ରାଥମିକ ତଦନ୍ତରୁ ତଥା ପାରିପାର୍ଶ୍ୱିକ ସ୍ଥିତିରୁ ଏକ ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ମାଛ ଚାଷ କରି ସ୍ୱାବଲମ୍ବୀ ହେବାକୁ ଆହ୍ୱାନ




ଅନୁଗୋଳ, ୨୧।୧୧ (ମାନସ ବିଶ୍ୱାଳ)

## ବିଶ୍ୱ ମତ୍ସ୍ୟ ଦିବସ ପାଳିତ

ଅନୁଗୋଳ ଶିକ୍ଷକପଡ଼ାସ୍ଥିତ ସଭାଗୃହରେ ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ନିରୋଦ ଦାସ ଯୋଗଦେଇ ପ୍ରାଣୀ ସମ୍ପଦ ବିଭାଗର ବିଭିନ୍ନ ଯୋଜନା ଏବଂ ଗୋପାଳନ ଓ କାମଧେନୁ ଯୋଜନା ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମ୍ବର ଲୁଗୁନ ଯୋଗଦେଇ ଉଦ୍ୟାନ ବିଭାଗର ବିଭିନ୍ନ ଯୋଜନା, ଆମ୍ବ, ଫଳ, ପନିପରିବା ଚାଷ ଉପରେ ଆଲୋଚନା କରିଥିଲେ। ଜିଲା ଉପ ମୁଖ୍ୟ ନିର୍ଦ୍ଦେଶକ କୁଆଁର ମତ୍ସ୍ୟ ଚାଷୀମାନଙ୍କୁ ସମନ୍ୱିତ ମତ୍ସ୍ୟଚାଷ ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଉପକୃତ ହେବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ। ମତ୍ସ୍ୟ ଚାଷୀମାନଙ୍କୁ ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ କରି ସ୍ୱାବଲମ୍ବୀ ହେବାକୁ ଆହ୍ୱାନ କରିଥିଲେ। ବିଶେଷକରି ଚାଷୀଙ୍କ ଆୟ କିପରି ଦ୍ୱିଗୁଣିତ ହୋଇପାରିବ ସେଥିପ୍ରତି ଆଲୋକପାତ ମଧ୍ୟ କରିଥିଲେ। ଏହି ଅବସରରେ ୩ ଜଣ ଭଲ ପ୍ରଦର୍ଶନ କରିଥିବା ମତ୍ସ୍ୟ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ ସଭାରେ ୧୦୦ରୁ ଅଧିକ ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ସମସ୍ତ ବ୍ଲକର ମତ୍ସ୍ୟ ଅଧିକାରୀ ଏବଂ ଉଦ୍ୟୋଗୀ ଚାଷୀ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ମତ୍ସ୍ୟ ଅଧିକାରୀ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉପଜିଲାପାଳଙ୍କ ଦ୍ୱାରା ଆହୂତ ବୈଠକ ବର୍ଜନ

## କପିଳାସ ପୀଠ ଉନ୍ନତୀକରଣ ସମ୍ପର୍କରେ ସୂଚନା ଦେଲେନି ଜିଲାପାଳ

- ଜିଲା ସାମ୍ବାଦିକ ସଂଘ, ଓକିଲ ସଂଘ ଓ ବଣିକ ସଂଘର ତୀବ୍ର ଅସନ୍ତୋଷ
- କପିଳାସ ପୀଠ ସମେତ ସ୍ୱାସ୍ଥ୍ୟ ଓ ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ ହେବ




ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ପ୍ରତିବାଦ କରାଯାଉଛି।

ଢେଙ୍କାନାଳ,୨୧।୧୧(ରତନ ନାୟାର)

ରାଜ୍ୟ ତଥା ଢେଙ୍କାନାଳ ଜିଲାର ପ୍ରମୁଖ ଶୈବପୀଠ କପିଳାସର ଅବ୍ୟବସ୍ଥା ସମ୍ପର୍କରେ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହାର ନକଲ ଜିଲା ଓକିଲ ସଂଘ ଓ ଜିଲା ବଣିକ ସଂଘକୁ ପ୍ରଦାନ କରାଯାଇଥିଲା। କପିଳାସ ପୀଠର ଅବ୍ୟବସ୍ଥାର ସମାଧାନ ପାଇଁ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଦୁଇ ସପ୍ତାହ ସମୟ ଜିଲା ପ୍ରଶାସନକୁ ଦିଆଯାଇଥିଲା। ଦୁଇ ସପ୍ତାହ ମଧ୍ୟରେ ସମାଧାନ ନ ହେଲେ ଜିଲା ଓକିଲ ସଂଘ ଓ ଜିଲା ବଣିକ ସଂଘ ସହାୟତାରେ ଏହାକୁ ନେଇ ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା। ଏହାକୁ ନେଇ ଜିଲା ପ୍ରଶାସନ ଓ ଦେବୋତ୍ତର ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ୩ଟି ଯାକ ସଂଘକୁ ସୂଚନା ଦେବା ପାଇଁ ଉପଜିଲାପାଳ ତଥା ଜିଲା ଦେବୋତ୍ତର ଅଧିକାରୀ ଗୁରୁବାର ଅପରାହ୍ନ ସାଢେ ୪ଟାରେ ଏକ ବୈଠକ ନିଜ କାର୍ଯ୍ୟାଳୟରେ ଡାକିଥିଲେ। ବୈଠକରେ ଜିଲା ସାମ୍ବାଦିକ ସଂଘ, ଜିଲା ଓକିଲ ସଂଘ ଓ ଜିଲା ବଣିକ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇ ଯେହେତୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା, ଜିଲାପାଳ କାହିଁକି ବୈଠକ ଡାକି ଆଲୋଚନା କଲେନାହିଁ, ଏହାର ପ୍ରତିବାଦରେ ବୈଠକ ବର୍ଜନ କରିଥିଲେ। ବୈଠକରେ ଜିଲା ସାମ୍ବାଦିକ ସଂଘର ସଭାପତି ପ୍ରସନ୍ନ ପଟ୍ଟନାୟକ, ସମ୍ପାଦକ ସତ୍ୟସ୍ୱରୂପ ଦାସ, ଜିଲା ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର, ସମ୍ପାଦକ ଟଙ୍କଧର ବେହେରା, ବରିଷ୍ଠ ଆଇନଜୀବୀ ପତିତପାବନ ମିଶ୍ର, ଗୁପ୍ତେଶ୍ୱର ମିଶ୍ର ଓ ଜିଲା ବଣିକ ସଂଘ ସଭାପତି ରାଜେନ୍ଦ୍ର ଦାସ, ଉପସଭାପତି ରାଜକିଶୋର ବେହେରା ପ୍ରମୁଖ ଏବଂ ତିନି ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ କପିଳାସ ଭଳି ଦେଶ, ରାଜ୍ୟ ଏବଂ ଜିଲାର ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଶୈବପୀଠର ଅବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ପାଇଁ ଏବଂ ଢେଙ୍କାନାଳ ଜିଲାର ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଜିଲା ଓକିଲ ସଂଘ, ଜିଲା ବଣିକ ସଂଘ ଓ ଜିଲା ସାମ୍ବାଦିକ ସଂଘକୁ ଜିଲାପାଳ ହେୟଜ୍ଞାନ ମନେ କରୁଛନ୍ତି ବୋଲି ଦର୍ଶାଇ ତିନି ସଂଘର କର୍ମକର୍ତ୍ତାମାନେ ବୈଠକ ବର୍ଜନ କରିବା ସହିତ ଘଟଣାର ତୀବ୍ର ପ୍ରତିବାଦ କରିଥିଲେ। ଏଥିସହିତ କପିଳାସ ସମସ୍ୟା, ଜିଲାର ସ୍ୱାସ୍ଥ୍ୟ ସମସ୍ୟା, ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାର ଅବହେଳା ଯୋଗୁ ବାରମ୍ବାର ପ୍ରସୂତୀ ମହିଳା, ଶିଶୁ ମୃତ୍ୟୁ ଏବଂ ଜିଲାରେ ଟ୍ରାଫିକ ବ୍ୟବସ୍ଥା, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଏବଂ ଜିଲାପାଳଙ୍କର ଜନସାଧାରଣଙ୍କ ପାଇଁ ସ୍ୱର ଉତ୍ତୋଳନ କରୁଥିବା ଜିଲା ଓକିଲ ସଂଘ, ଜିଲା ବଣିକ ସଂଘ ଓ ଜିଲା ସାମ୍ବାଦିକ ସଂଘକୁ ହେୟଜ୍ଞାନ ମଣୁଥିବା ଆଦିକୁ ନେଇ ଆସନ୍ତା ଶନିବାର ଜିଲା ଓକିଲ ସଂଘ ଆହ୍ୱାନରେ ପୂର୍ତ୍ତ ବିଭାଗ ବଙ୍ଗଳାରେ ତିନି ସଂଘକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଜିଲା କାର୍ଯ୍ୟାଳୟ ଘେରାଉ ପାଇଁ ଆଲୋଚନା ହେବ ବୋଲି ଜିଲା ଓକିଲ ସଂଘ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଏ ସଂକ୍ରାନ୍ତରେ ଜିଲା ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର, ଜିଲା ବଣିକ ସଂଘ ସଭାପତି ରାଜେନ୍ଦ୍ର ଦାସ ଓ ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ କୁହନ୍ତି ଯେ, ଜିଲା ସାମ୍ବାଦିକ ସଂଘ ପକ୍ଷରୁ କପିଳାସ ପୀଠରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଜିଲାପାଳଙ୍କୁ ଏକ ଦାବି ପ୍ରଦାନ କରିଥିଲେ। ଏହାର ଏକକିତା ନକଲ ଆମର ଜିଲା ଓକିଲ ସଂଘ ଏବଂ ଜିଲା ବଣିକ ସଂଘକୁ ମଧ୍ୟ ପ୍ରଦାନ କରିଥିଲେ। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲାପାଳ କିଛି ଅଧିକାରୀ ଓ କର୍ମଚାରୀଙ୍କୁ ନେଇ କପିଳାସ ପୀଠ ପରିଦର୍ଶନ କରିଥିଲେ। ଗୁରୁବାର ଉପଜିଲାପାଳଙ୍କୁ କପିଳାସ ପୀଠ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଢେଙ୍କାନାଳର ଜିଲା ଓକିଲ ସଂଘ, ଜିଲା ବଣିକ ସଂଘ ଓ ଜିଲା ସାମ୍ବାଦିକ ସଂଘ ଯେତେବେଳେ ପ୍ରମୁଖ ଶୈବପୀଠ କପିଳାସର ଅବ୍ୟବସ୍ଥା ସମ୍ପର୍କରେ ଜିଲାପାଳଙ୍କୁ ଦାବିପତ୍ର ଦେଲେ, ସେତେବେଳେ ଜିଲାପାଳଙ୍କ ନୈତିକ ଦାୟିତ୍ୱ ଥିଲା ଯେ, ଏହି ତିନି ସଂଘକୁ କପିଳାସ ପୀଠକୁ ଡାକି ସମସ୍ୟାଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥାନ୍ତେ, ଏହା କଲେନାହିଁ। ଏଥିସହିତ କପିଳାସରେ ଅବ୍ୟବସ୍ଥାର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ନିଜେ ସୂଚନା ନଦେଇ ଉପଜିଲାପାଳଙ୍କୁ ସୂଚନା ଦେବା ପାଇଁ ଜଣାଇଥିଲେ। ଆମେ ବୈଠକକୁ ଆସି ଉପଜିଲାପାଳଙ୍କୁ ପ୍ରଶ୍ନ କରିଥିଲୁ, କାହିଁକି ଜିଲାପାଳ ବୈଠକ ଡାକିଲେନି। ଯେଉଁଠି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ନିଜକୁ ଲୋକଙ୍କୁ ସେବକ ବୋଲି କହୁଛନ୍ତି, କିନ୍ତୁ ସରକାରୀ ଅଧିକାରୀମାନେ କାହିଁକି ନିଜ ଚିନ୍ତାଧାରା ବଦଳାଉ ନାହାନ୍ତି, ତାହା ପ୍ରଶ୍ନବାଚୀ ସୃଷ୍ଟିକରିଛି। ଏହାକୁ ନେଇ ତୀବ୍ର ପ୍ରତିବାଦ କରାଯିବ ଏବଂ ଆଗକୁ ଢେଙ୍କାନାଳରେ ବଡ଼ ଧରଣର ଆନ୍ଦୋଳନ ମଧ୍ୟ ହେବ ବୋଲି ସେ କହିଥିଲେ। ଏ ସଂକ୍ରାନ୍ତରେ ଢେଙ୍କାନାଳ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ବିବୁଧ ଗଡ଼ନାୟକ କହିଛନ୍ତି, ଜିଲା ସାମ୍ବାଦିକ ସଂଘର କପିଳାସ ଅବ୍ୟବସ୍ଥା ସମ୍ପର୍କରେ ଦାବିପତ୍ର ପାଇବା ପରେ ଆମେ ଗୁରୁବାର ସକାଳେ କପିଳାସ ଯାଇ ସମସ୍ୟାଗୁଡ଼ିକ ସମାଧାନ ନେଇ କାର୍ଯ୍ୟ ଆରମ୍ଭ କରିଥିଲୁ। ୧୨ଟି ବାଙ୍କ ମଧ୍ୟରୁ ୪ଟି ବାଙ୍କକୁ ଛାଡି ଅନ୍ୟ ବାଙ୍କଗୁଡ଼ିକରେ ଆଲୋକ ଜଳିବା ଆରମ୍ଭ କରିଛି। ଟିପିସିଓଡିଏଲ୍‌କୁ ଆଉଏକ ଟ୍ରାନ୍ସଫର୍ମର ଲଗାଯିବା ପାଇଁ କୁହାଯାଇଛି। ସିସିଟିଭି କ୍ୟାମେରା ଲଗାଇ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନିଆଯାଇଛି। ପାନୀୟଜଳ ଅବ୍ୟବସ୍ଥାର ସମାଧାନ କରାଯାଇଛି। ଅନ୍ୟ ସମସ୍ୟାର ସମାଧାନଗୁଡ଼ିକ ପାଇଁ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କୁ ଦୁଇ ଦୁଇଥର ଅବଗତ କରାଗଲାଣି। ଗୁରୁବାର ମଧ୍ୟ ସେମାନଙ୍କୁ ଆଉଥରେ ଲିଖିତ ଭାବରେ ଜଣାଯାଇଛି। ଜିଲାପାଳ ମୋତେ ବୈଠକ ଡାକି ସୂଚନା ଦେବାକୁ କହିଥିଲେ। ତିନି ସଂଘ ଯାହା ନିଷ୍ପତ୍ତି ନେଲେ, ଆମେ ଜିଲାପାଳଙ୍କୁ ଜଣାଇବୁ ବୋଲି ସେ କହିଥିଲେ।

# ପ୍ରୀତିସ୍ମିତା ନୂଆଦିଲ୍ଲୀରେ ସମ୍ବର୍ଦ୍ଧିତ



ଢେଙ୍କାନାଳ,୨୧।୧୧(ରତନ ନାୟାର)

ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ପ୍ରୀତିସ୍ମିତା ଭୋଇ ନୂଆଦିଲୀର କୌଶଳ ଭବନଠାରେ ବିଶ୍ୱ ଶିଶୁ ଦିବସ ଅବସରରେ ଏକ ମତ ବିନିମୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିସହିତ ଦେଶର ବିଭିନ୍ନ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟୟନରତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ୭ଜଣ ଯୁବ ଖେଳାଳି ମଧ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଅତିଥି ଭାବେ ବେଜିଂ ଅଲିମ୍ପିକ୍‌ର ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରା କାର୍ଯ୍ୟକ୍ରମରେ ଯୋଗଦେଇ ବିଶ୍ୱ ଭାରୋତ୍ତଳନ ଚାମ୍ପିୟନସିପ୍‌ରେ ଖ୍ୟାତି ଅର୍ଜନ କରିଥିବା ପ୍ରୀତିସ୍ମିତା ଭୋଇଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଭାରତ ସରକାରଙ୍କ ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରୀ ଜୟନ୍ତ ଚୌଧୁରୀ ଓ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ନୂଆଦିଲ୍ଲୀର ଆୟୁକ୍ତ ନିଧି ପାଣ୍ଡେ ଉପସ୍ଥିତ ଥିଲେ। ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଶିଶିର କୁମାର ଦାଶ, ପ୍ରୀତିସ୍ମିତାଙ୍କୁ ସାଧୁବାଦ ଜଣାଇବା ସହିତ ତାଙ୍କର ଉତ୍ତୋରୋତ୍ତର କାମନା କରିଛନ୍ତି।

# ଭାଲୁମୁଣ୍ଡା ଗ୍ରାମ ବାର୍ଷିକ ମହୋତ୍ସବ




କାମାକ୍ଷାନଗର,୨୧।୧୧ (ସୁଧୀର କୁମାର ପରିଡ଼ା): ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଦଶୀପୁର ପଞ୍ଚାୟତ ଭାଲୁମୁଣ୍ଡା ଗ୍ରାମର ପ୍ରଥମ ବାର୍ଷିକ ମହୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ) ସଞ୍ଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଯୁବନେତା ପିୟୁଷ ବର୍ଦ୍ଧନ ପ୍ରଧାନ, ତହସିଲଦାର ସୌଦାମିନୀ ନାୟକ, ଜିଲା ପରିଷଦ ସଦସ୍ୟ ନବକିଶୋର ସାହୁ, ଦଶୀପୁର ସରପଞ୍ଚ ସୁଧୀର ପାଳ, ଝିଲ୍ଲୀ ସରପଞ୍ଚ ରୋଜାଲିନ ସାହୁ, ସମିତି ସଦସ୍ୟ ପ୍ରସନ୍ନ ସାହୁ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ବେହେରା, ଗ୍ରାମ ସଭାପତି ଡମ୍ବରୁଧର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଗତବର୍ଷ ସରକାରୀ ଭାବେ ନୂତନ ଭାବେ ରାଜସ୍ୱ ଗ୍ରାମ ଭାଲୁମୁଣ୍ଡା ଗଠନ ହୋଇଥିଲା। ଗ୍ରାମ ଗଠନ ହେବାର ୧ ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ଗ୍ରାମବାସୀଙ୍କ ପକ୍ଷରୁ ଧୁମଧାମରେ ପ୍ରଥମ ମହୋତ୍ସବ ପାଳନ ହୋଇଛି। ଗ୍ରାମବାସୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆଇନ ସଚେତନତା ସମ୍ପର୍କିତ କର୍ମଶାଳା

ଢେଙ୍କାନାଳ,୨୧।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ଭାପୁରସ୍ଥିତ ଭୋଳେଶ୍ୱର ଧଳ ହାଇସ୍କୁଲରେ ଗୁରୁବାର ଆଇନସେବା ପ୍ରାଧିକରଣ ପକ୍ଷରୁ ଆମର ସାମ୍ବିଧାନୀକ ଦାୟିତ୍ୱ, ପୋକସୋ ଆକ୍ଟ ଓ ଜୁଭେନାଇଲ ଜଷ୍ଟିସ ଆକ୍ଟ ସମ୍ପର୍କିତ ଏକ ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ମମିତା ସାହୁ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କର ସାମ୍ବିଧାନିକ ଦାୟିତ୍ୱ, ଜୁଭେନାଇଲ ଜଷ୍ଟିସ ଆକ୍ଟ ଓ ପୋକ୍‌ସୋ ଆକ୍ଟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବୁଝାଇବା ସହିତ ପିଲାମାନେ ନିଜକୁ ସୁରକ୍ଷିତ ରଖିବେ ଏବଂ ସୁନ୍ଦର ଭବିଷ୍ୟତ ଗଢିବା ସହିତ ଦେଶର ଉନ୍ନତିରେ ତାଙ୍କର ଯୋଗଦାନର ଆବଶ୍ୟକତା ଉପରେ ସଚେତନ କରାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।



କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ଛାତ୍ରଛାତ୍ରମାନେ।

# ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ




ଢେଙ୍କାନାଳ,୨୧।୧୧(ରତନ ନାୟାର): ଢେଙ୍କାନାଳ ସହର ମହିଷାପାଟସ୍ଥିତ ପଲ୍ଲିଶ୍ରୀ ମେଳା ପଡ଼ିଆରେ ଗୁରୁବାର ପୂର୍ବାହ୍ନରେ ଦୁଇ ଦିନିଆ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦଘାଟିତ ହୋଇଯାଇଛି। ଏହି ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଆମ ରାଜ୍ୟରେ ପ୍ରାୟ ୮୦ ପ୍ରତିଶତ ଲୋକ ଚାଷ କାର୍ଯ୍ୟରେ ସମ୍ପୃକ୍ତ ଥିବାରୁ ଚାଷ ପ୍ରତି ଆମର ଦୃଷ୍ଟିଭଙ୍ଗୀ ବଦଳାଇ ଚାଷ କାମକୁ ଉତ୍ସାହିତ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏଥିପାଇଁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ରିହାତିର ସୁଯୋଗ ନେଇ ବୈଜ୍ଞାନିକ ଜ୍ଞାନକୌଶଳ ଉପଯୋଗ କରି ମତ୍ସ୍ୟ ଓ ପଶୁପାଳନ ଏବଂ ଅନ୍ୟାନ୍ୟ ଚାଷ କାର୍ଯ୍ୟକୁ ବ୍ୟାପକ କରିବାକୁ ସେ ଆହ୍ୱାନ ଦେଇଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ବାଣିଜ୍ୟ ବସତି ଲକ୍ଷ୍ମୀ ବୋଲି କହିବା ସହିତ ଢେଙ୍କାନାଳରେ ପ୍ରାକୃତିକ ସମ୍ପଦ ଭରପୁର ଥିବାରୁ ଏହାର ସୁଯୋଗ ନେଇ ମାଛ, କୁକୁଡ଼ାଚାଷ ଏବଂ ପଶୁପାଳନ ଅଧିକ ବ୍ୟାପକ କରି ଆତ୍ମ ନିର୍ଭରଶୀଳ ହେବାକୁ କହିଥିଲେ। ରାଜ୍ୟ ସରକାରଙ୍କ କାମଧେନୁ ଯୋଜନାରେ ଅଧିକ ଗୋପାଳନ କରି ଲାଭନ୍ୱିତ ହେବାକୁ ସେ ପରାମର୍ଶ ଦେଇଥିଲେ। ଯେ କୌଣସି ଚାଷ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କ ସହିତ ଯୋଗାଯୋଗ କରି ପରାମର୍ଶ ନେବା ପାଇଁ ଜିଲାପାଳ କହିଥିଲେ। ମେଳାରେ ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଙ୍କ ପ୍ରତିନିଧି ବିଷ୍ଣୁଚରଣ ଲେଙ୍କା, ଏମ୍‌ପିଙ୍କ ପ୍ରତିନିଧି ନରେଶଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରକାର ପୋଷଣ ଯୋଗାଉଥିବା ଚାଷପ୍ରତି ଯୁବଗୋଷ୍ଠୀ ଆଗେଇ ଆସିବାକୁ କହିଥିଲେ। ପ୍ରାଣୀ ସମ୍ପଦ ବିକାଶ ଅଧିକାରୀ ଡା. ପ୍ରଭାସ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲାରେ ୩୬୦ହେକ୍ଟର ଜମିରେ ମାଛଚାଷ କରାଯାଇ ୧୬ହଜାର ମେଟ୍ରିକ ଟନ୍ ମାଛ ଉତ୍ପାଦନ ହେଉଥିବା ବେଳେ ଅଣ୍ଡା ଉତ୍ପାଦନରେ ଢେଙ୍କାନାଳ ଜିଲା ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିବା ସୂଚନା ଦେଇଥିଲେ। ଏହି ଅବସରରେ ଏହି ମେଳାରେ ବିଭିନ୍ନ ବିଭାଗ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ୪୨ଟି ଷ୍ଟଲ ଖୋଲାଯାଇଥିଲା। ଜିଲା ମତ୍ସ୍ୟ ଅଧିକାରୀ ସଂଗ୍ରାମ କେଶରୀ କର ଧନ୍ୟବାଦ ଦେଇଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ହରେକୃଷ୍ଣ ମହତାବ ଜୟନ୍ତୀ ପାଳିତ

ଢେଙ୍କାନାଳ,୨୧।୧୧(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଆ ବିଭାଗ ଦ୍ୱାରା ଗୁରୁବାର ଡ. ହରେକୃଷ୍ଣ ମହତାବ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁଙ୍କ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ହରେକୃଷ୍ଣ ମହତାବଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି, ମହତାବଙ୍କ ରାଜନୈତିକ ଜୀବନୀ ଓ ସାହିତ୍ୟିକ ଜୀବନୀ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପ୍ରାରମ୍ଭରେ ଡ. ହରେକୃଷ୍ଣ ମହତାବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଓଡିଆ ବିଭାଗ ମୁଖ୍ୟ ଶୁଭ୍ରକାନ୍ତ ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡିଆ ବିଭାଗର ପାଠଚକ୍ର ସମ୍ପାଦିକା ମୋନାଲିସା ପ୍ରିୟଦର୍ଶିନୀ ବେହେରା ସ୍ମାରକୀ ବକ୍ତୃତା ରଖିଥିଲେ। ସ୍ନାତକୋତର ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ପ୍ରବନ୍ଧ ପାଠ କରିଥିଲେ। ଶେଷରେ ଅଧ୍ୟାପିକା ଡ. ମଞ୍ଜୁଳିକା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ଡ. ହରେକୃଷ୍ଣ ମହତାବ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

# ଉଫୁନା ତରଫରୁ ମହତାବ ଜୟନ୍ତୀ ପାଳିତ

ଢେଙ୍କାନାଳ,୨୧।୧୧(ରତନ ନାୟାର)



ଢେଙ୍କାନାଳ ଉଫୁନା ପକ୍ଷରୁ ଉତ୍କଳ କେଶରୀ ଡଃ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଉଫୁନାର ଅଧ୍ୟକ୍ଷ ସର୍ବଭାରତୀୟ ଉପସଭାପତି ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ ଯୋଗଦେଇ କହିଲେ ଯେ, ଡଃ. ମହତାବ ଆଧୁନିକ ଓଡ଼ିଶା ନିର୍ମାତା ଏବଂ ସେ ଜଣେ ଉଚ୍ଚସ୍ତରୀୟ କୁଟନୀତିଜ୍ଞ ଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ବାହାଦୁର ପାଟ୍ଟସାହାଣୀ କହିଲେ ଯେ, ଡଃ. ମହତାବ ବହୁ ରାଜନୈତିକ ନେତାଙ୍କର ଗୁରୁଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରମୋଦ ନାୟକ ଯୋଗଦେଇ କହିଲେ ଯେ, ଡଃ. ମହତାବଙ୍କ ଗାଁ ମଜଲିସ୍ ମାଧ୍ୟମରେ ସମାଜକୁ ଉପଦେଶ ଦେଉଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଅକ୍ଷୟ ଶତପଥୀ ମହତାବ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ପରିବେଶବିତ ଉପେନ୍ଦ୍ର ରାଉତ ମହତାବ ଦୈନିକ ଖବରକାଗଜ 'ପ୍ରଜାତନ୍ତ୍ର'ର ପ୍ରତିଷ୍ଠାତା ଥିଲେ। ବକ୍ତାମାନେ ଡଃ. ମହତାବ ଓଡିଶାର ଇତିହାସ ରଚନା କରିବା ସହିତ ଓଡିଶାର ମୁଖ୍ୟମନ୍ତ୍ରୀ ଓ ମୁମ୍ବାଇର ରାଜ୍ୟପାଳ ଥିଲେ। ସେ ଏକାଧାରରେ ରାଜନୀତିଜ୍ଞ, ସମାଜସେବୀ, ସାହିତ୍ୟିକ ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ। ତାଙ୍କୁ ଭାରତରତ୍ନ ଉପାଧି ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଦାବି କରାଗଲା। ଅନ୍ୟମାନଙ୍କ ମଧ୍ୟରେ କର୍ମଚାରୀ ନେତା ପ୍ରେମାନନ୍ଦ ଶତପଥୀ, ଇଂ ଯୁଧିଷ୍ଠିର ସାହୁ, ତରୁଣ ବିଶ୍ୱାଳ, ଇଂ. ଅବିନାଶ ଦାସ, ପ୍ରାକୃତିକ ଚିକିତ୍ସାର ପରିଚାଳକ ପୀତବାସ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉଫୁନା କାର୍ଯ୍ୟାଳୟ ସଂପାଦକ ବିଚିତ୍ରାନନ୍ଦ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ବିପିନି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଡଃ. ପ୍ରମୋଦ କୁମାର ନାୟକ ହରେକୃଷ୍ଣ ମହତାବଙ୍କ ଉପରେ ଏକ କବିତା ପାଠ କରିଥିଲେ।

# ୬୬୨ ବର୍ଗ ଅଧ୍ୟାପକ ଓ କର୍ମଚାରୀଙ୍କ ଜରୁରୀ ବୈଠକ

## ଚାକିରି ସର୍ତ୍ତାବଳୀ ଓ ପେନ୍‌ସନ ଦାବି

ଢେଙ୍କାନାଳ,୨୧।୧୧(ରତନ ନାୟାର)




ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ୍ ସିମିନଈ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଢେଙ୍କାନାଳ ଜିଲାର ୬୬୨ବର୍ଗ +୨ ଏବଂ +୩ କଲେଜ୍ ଅଧ୍ୟାପକ ଓ କର୍ମଚାରୀମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସିମିନଈ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଧରଣୀଧର ବାରିକଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଅଛି। ରାଜ୍ୟ ସଭାପତି ଗୋଲକ ନାୟକ ଯୋଗଦେଇ ସଂଘର ବିଭିନ୍ନ କର୍ମଚାରୀ ଓ ଅଧ୍ୟାପକଙ୍କ ବିଭିନ୍ନ ସମସ୍ୟା ବିଶେଷ କରି ଚାକିରି ସର୍ତ୍ତାବଳୀ ଓ ପେନ୍‌ସନ୍ ଦାବି ପୂରଣ ନିମନ୍ତେ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି। ଯଦି ଦାବି ପୂରଣ ନ ହୁଏ ତେବେ ୬୬୨ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ରାଜରାସ୍ତାକୁ ଓହ୍ଲାଇବେ। ଜିଲା ସଭାପତି ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ସମୀର ସାହୁ ଓ ଜିଲା ସମ୍ପାଦକ ଗୋବିନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାତ କୁମାର ସାମଲ ଉକ୍ତ ଦାବିର ଯଥାର୍ଥତା ସମ୍ପର୍କରେ ଆଲୋକପାତ କରିଥିଲେ। ଦରକାର ପଡ଼ିଲେ ରାଜ୍ୟ ସଭାପତିଙ୍କ ସମର୍ଥନରେ ଜିଲାର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ୍ ହେବେ। ଅଧ୍ୟାପକ ପ୍ରେମାନନ୍ଦ ନାୟକଙ୍କ ସମେତ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଅଧ୍ୟାପକ ଓ କର୍ମଚାରୀମାନେ ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏହି ବୈଠକରେ ଅବସର ଗ୍ରହଣ କରିଥିବା ଭୁବନ +୨ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ପୋଥାଳ, ଗେଙ୍ଗୁଟିଆ ମହାବିଦ୍ୟାଳୟର ଅଧ୍ୟକ୍ଷା କବିତା ମହାନ୍ତି, କପିଳାସ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ପଟ୍ଟନାୟକ ଓ ସଚ୍ଚିଦାନନ୍ଦ ମହାବିଦ୍ୟାଳୟ ଇନ୍ଦିପୁରର ମୁଖ୍ୟ କିରାଣୀ ସୁଧାକର ସାହୁଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଅଧ୍ୟାପକ ସୁଜିତ୍ କୁମାର ସାମଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ କରାଇଥିଲେ। ଶିକ୍ଷା ବିଭାଗର ବରିଷ୍ଠ ଅଧ୍ୟାପକ ସୁରେନ୍ଦ୍ର କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକକୁ ଅଧ୍ୟାପିକା ଅନିତା ଦାସ, କୀର୍ତ୍ତି କୌଶିକ ପଣ୍ଡା, ଅନିଲ୍ କୁମାର ପଣ୍ଡା, ପଲ୍ଲିଶ୍ରୀ ମିଶ୍ର, କିଶୋର ଚନ୍ଦ୍ର ନନ୍ଦ, ସଚ୍ଚିଦାନନ୍ଦ ଭୁକ୍ତା ଓ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି ଏହି ବୈଠକକୁ ସୁଚାରୁରୂପେ ସଂପାଦନ କରିଥିଲେ।

